# NATIONAL NEWS BULLETIN (ODIA)
## 4 September - 2024
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ଦୁଇ ଦେଶୀୟ ଗସ୍ତର ଅନ୍ତିମ ପର୍ଯ୍ୟାୟରେ ଆଜି ପହଞ୍ଚିଲେ ସିଙ୍ଗାପୁରରେ ।
- ପ୍ରଧାନମନ୍ତ୍ରୀ ଆସନ୍ତାକାଲି ତାଙ୍କର ସିଙ୍ଗାପୁର ପ୍ରତିପକ୍ଷଙ୍କ ସହିତ ଦୁଇଦେଶ ମଧ୍ୟରେ ରଣନୈତିକ ଭାଗିଦାରୀର କରିବେ ସମୀକ୍ଷା ।
- ତ୍ରିପୁରାକୁ ଏକ ବିକଶିତ ତଥା ଶାନ୍ତିପୂର୍ଣ୍ଣ ରାଜ୍ୟ ଭାବେ ଗଢ଼ିତୋଳିବା ଲକ୍ଷ୍ୟରେ ଆଜି ନୂଆଦିଲ୍ଲୀରେ ସ୍ୱାକ୍ଷରିତ ହେଲା ଶାନ୍ତି ବୁଝାମଣାପତ୍ର ।
- କର୍ମଚାରୀ ପେନସନ୍ ଯୋଜନାର ହିତାଧିକାରୀମାନେ ଆସନ୍ତା ବର୍ଷ ଜାନୁଆରୀ ୧ ତାରିଖରୁ ଦେଶ ବ୍ୟାପି ଯେକୌଣସି ବ୍ୟାଙ୍କ୍‌ରୁ ଗ୍ରହଣ କରିପାରିବେ ନିଜର ପେନସନ୍ ।

ଏବଂ

- ପ୍ୟାରିସ୍ ପାରା ଅଲିମ୍ପିକ୍ସ ୨୦୨୪ରେ ଉତ୍ତମ ପ୍ରଦର୍ଶନ କରି ପଦକ ସହିତ ଆଜି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କଲେ ଭାରତୀୟ ପାରା ବ୍ୟାଡ୍‌ମିଣ୍ଟନ ଦଳ ।

# ପ୍ରଧାନମନ୍ତ୍ରୀ-ସିଙ୍ଗାପୁର-ବ୍ରୁନେଇ ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ଦୁଇ ଦେଶୀୟ ଗସ୍ତର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟରେ ଆଜି ସିଙ୍ଗାପୁରର ଲାୟନ୍ ସିଟିରେ ପହଞ୍ଚିଛନ୍ତି । ଶ୍ରୀ ମୋଦୀଙ୍କୁ ବିମାନ ବନ୍ଦର ଠାରେ ସିଙ୍ଗାପୁରର ସ୍ୱରାଷ୍ଟ୍ର ଏବଂ ଆଇନ୍ ମନ୍ତ୍ରୀ କେ. ଶାନ୍‌ମୁଗମ୍ ସ୍ୱାଗତ ଜଣାଇଥିଲେ । ତାଙ୍କର ସିଙ୍ଗାପୁର ପ୍ରତିପକ୍ଷ ଲରେନ୍ସ ଓ୍ୱିଙ୍ଗ୍‌ଙ୍କ ଆମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସେହି ଦେଶ ଗସ୍ତ କରିଛନ୍ତି ।

ପରେ ଶ୍ରୀ ମୋଦୀଙ୍କୁ ସେଠାରେ ବସବାସ କରୁଥିବା ପ୍ରବାସୀ ଭାରତୀୟଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଆଜି ସନ୍ଧ୍ୟାରେ ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କର ସମ୍ମାନାର୍ଥେ ଏକ ଘରୋଇ ନୈଶ୍ୟ ଭୋଜିର ଆୟୋଜନ କରିଛନ୍ତି । ଆସନ୍ତାକାଲି ଦୁଇ ଦେଶର ପ୍ରଧାନମନ୍ତ୍ରୀ ଭାରତ-ସିଙ୍ଗାପୁର ରଣନୈତିକ ଭାଗିଦାରୀର ସ୍ଥିତି ସମ୍ପର୍କରେ ସମୀକ୍ଷା କରିବା ସହିତ ଆପୋଷ ସ୍ୱାର୍ଥ ଜଡ଼ିତ ବିଭିନ୍ନ ଆଞ୍ଚଳିକ ଏବଂ ବୈଶ୍ୱିକ ସମସ୍ୟା ସମ୍ପର୍କରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଏହାପରେ ଶ୍ରୀ ମୋଦୀ ସିଙ୍ଗାପୁର ରାଷ୍ଟ୍ରପତିଙ୍କ ସମେତ ଅନ୍ୟାନ୍ୟ ନେତୃବୃନ୍ଦଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବେ । ଏତଦ୍ ବ୍ୟତୀତ ଶ୍ରୀ ମୋଦୀ ସିଙ୍ଗାପୁରର ବିଭିନ୍ନ ପ୍ରତିଷ୍ଠିତ କମ୍ପାନୀ ଗୁଡ଼ିକର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସହିତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

ପ୍ରଧାନମନ୍ତ୍ରୀଙ୍କର ସିଙ୍ଗାପୁର ଗସ୍ତ ସମ୍ପର୍କରେ ସୂଚନା ଦେଇ ଆମ ସମ୍ବାଦଦାତା ଜଣାଇଛନ୍ତି, ଭାରତର ଆକ୍ଟ ଇଷ୍ଟ ନୀତିକୁ ପ୍ରୋତ୍ସାହନ ଦେବା

ଉଦ୍ଦେଶ୍ୟରେ ଶ୍ରୀ ମୋଦୀଙ୍କର ଏହି ଗସ୍ତ ଅନେକ ଗୁରୁତ୍ୱ ବହନ କରେ । ପ୍ରାୟ ୬ ବର୍ଷ ପରେ ଶ୍ରୀ ମୋଦୀ ସିଙ୍ଗାପୁର ଗସ୍ତ କରିଛନ୍ତି । ଭାରତ-ସିଙ୍ଗାପୁର ମଧ୍ୟରେ ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇବା ସହିତ ବାଣିଜ୍ୟ ଏବଂ ପୁଞ୍ଜିନିବେଶ ମଧ୍ୟ ସାମ୍ପ୍ରତିକ ସ୍ଥିତିରେ ବୃଦ୍ଧି ପାଇଛି । ବାଣିଜ୍ୟ କ୍ଷେତ୍ରରେ ସିଙ୍ଗାପୁର ଭାରତର ସର୍ବବୃହତ ଆସିଆନ୍ ଭାଗିଦାରୀ ଭାବେ କାର୍ଯ୍ୟ କରୁଛି । ଏହାଛଡ଼ା ଦେଶରେ ବିଦେଶ ପ୍ରତ୍ୟକ୍ଷ ପୁଞ୍ଜିନିବେଶ କ୍ଷେତ୍ରରେ ମଧ୍ୟ ସିଙ୍ଗାପୁର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି । ଦୁଇ ଦେଶ ଗସ୍ତ କରିବା ପୂର୍ବରୁ ପ୍ରଧାନମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ବିବୃତ୍ତି ଦେଇ କହିଥିଲେ, ସିଙ୍ଗାପୁର ସହିତ ଭାରତର ରଣନୈତିକ ଭାଗିଦାରୀକୁ ଅଧିକ ସୁଦୃଢ଼ କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି । ବିଶେଷ କରି ଉତ୍ପାଦନ ଓ ଡିଜିଟାଲ କ୍ଷେତ୍ରରେ ସ୍ଥାୟୀ ବିକାଶ ଲାଗି ସେଠାକାର ନେତୃବୃନ୍ଦଙ୍କ ସହିତ ଆଲୋଚନା କରିବାକୁ ସେ ଅପେକ୍ଷା କରିଥିବା ସମ୍ପର୍କରେ ଉଲ୍ଲେଖ କରିଛନ୍ତି ।

ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ବ୍ରୁନେଇ ଗସ୍ତ ଅବସରରେ ଆଜି ଟେଲିମେଟ୍ରିକ୍, ମହାକାଶ କ୍ଷେତ୍ରରେ ଉପଗ୍ରହ ଓ ଉତ୍କ୍ଷେପଣ ଯାନ ଲାଗି ଟେଲି କମାଣ୍ଡ କେନ୍ଦ୍ର ପ୍ରତିଷ୍ଠା ପାଇଁ ଅଧିକ ସହଯୋଗ ନିମନ୍ତେ ଦୁଇ ଦେଶ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଆପୋଷ ସ୍ୱାର୍ଥ ଜଡ଼ିତ ବିଭିନ୍ନ କ୍ଷେତ୍ରରେ ଦ୍ୱିପକ୍ଷିୟ ସମ୍ପର୍କକୁ ଅଧିକ ସଶକ୍ତ କରିବା ସହିତ ଭାଗିଦାରୀକୁ ସୁ-ସଂହତ କରିବା ଲାଗି ଉଭୟ ପକ୍ଷ ସମ୍ମତି ପ୍ରଦାନ

କରିଛନ୍ତି । ଆଜି ବନ୍ଦରସେରି ବେଗାୱାନ୍ ଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏବଂ ବ୍ରୁନେଇର ସୁଲତାନ୍ ହାଜି ହାସାନାଲ୍ ବୋଲ୍କିଆଙ୍କ ମଧ୍ୟରେ ପ୍ରତିନିଧି ସ୍ତରୀୟ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି । ଉଭୟ ନେତା ପ୍ରତିରକ୍ଷା, ବାଣିଜ୍ୟ ଓ ପୁଞ୍ଜିନିବେଶ, ଶକ୍ତି, ମହାକାଶ ପ୍ରଯୁକ୍ତି ବିଦ୍ୟା, ସ୍ୱାସ୍ଥ୍ୟ ଓ ଔଷଧ, ଦକ୍ଷତା ବୃଦ୍ଧି, ସଂସ୍କୃତି ଓ ଜନସମ୍ପର୍କ ଆଦି କ୍ଷେତ୍ରରେ ଦ୍ୱିପକ୍ଷିୟ ସମ୍ପର୍କର ସମୀକ୍ଷା କରିଛନ୍ତି । ଏତଦ୍ ବ୍ୟତୀତ ଉଭୟ ନେତା ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ଆଞ୍ଚଳିକ ତଥା ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ମତ ବିନିମୟ କରିଛନ୍ତି ।

ପ୍ରଧାନମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଛନ୍ତି, ଭାରତର ଆକ୍ଟ ଇଷ୍ଟ ନୀତି ଏବଂ ଇଣ୍ଡୋ-ପ୍ୟାସିଫିକ୍ ଭିଜନରେ ବ୍ରୁନେଇ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ହେବା ଉଭୟ ଦେଶ ପାଇଁ ଉଜ୍ଜ୍ୱଳ ଭବିଷ୍ୟତକୁ ସୁନିଶ୍ଚିତ କରୁଛି ।

ପରେ ପ୍ରଧାନମନ୍ତ୍ରୀ ତାଙ୍କ ସମ୍ମାନାର୍ଥେ ବ୍ରୁନେଇର ସୁଲତାନ ଆୟୋଜନ କରିଥିବା ଏକ ଭୋଜିରେ ଯୋଗଦେଇ କହିଛନ୍ତି, ଭାରତ-ବ୍ରୁନେଇ ନିଜ ମଧ୍ୟରେ ଥିବା ଭାଗିଦାରୀକୁ ରଣନୈତିକ ଦିଗ ଦେବା ଲାଗି ନିଷ୍ପତ୍ତି ନେଇଛନ୍ତି । ସେ ଓ ସୁଲତାନ୍ ଉଭୟ ବିସ୍ତୃତ ଭାବେ ଏହାର ସମସ୍ତ ଦିଗ ଉପରେ ଆଲୋଚନା କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଅର୍ଥନୀତି, ବିଜ୍ଞାନ ଏବଂ ରଣନୀତି କ୍ଷେତ୍ରରେ ସହଯୋଗକୁ ଅଧିକ ସଶକ୍ତ କରିବା ଦିଗରେ ଉଭୟ ପକ୍ଷ ପ୍ରତିଶ୍ରୁତିବଦ୍ଧ । ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗକୁ ଅଧିକ ସଶକ୍ତ କରିବା ଲାଗି ପ୍ରତିରକ୍ଷା ଶିଳ୍ପ ତାଲିମ୍ ଏବଂ କ୍ଷମତା ବୃଦ୍ଧି ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ଦିଗରେ ଉଭୟ ନେତା ସକାରାତ୍ମକ

ମତ ପୋଷଣ କରିଛନ୍ତି । ଏହାଛଡ଼ା ବ୍ରୁନେଇର ବନ୍ଦରସେରି ବେଗାୱାନ୍ ଓ ଭାରତର ଚେନ୍ନାଇ ମଧ୍ୟରେ ସିଧାସଳଖ ବିମାନ ଚଳାଚଳ ଆରମ୍ଭ କରିବା ଲାଗି ଦୁଇ ଦେଶ ସମ୍ମତି ପ୍ରଦାନ କରିଛନ୍ତି ବୋଲି ସେ କହିଛନ୍ତି । ବ୍ରୁନେଇର ଅର୍ଥ ବ୍ୟବସ୍ଥା ଏବଂ ସାମାଜିକ ପ୍ରଗତି କ୍ଷେତ୍ରରେ  ସେଠାରେ ବସବାସ କରୁଥିବା ପ୍ରବାସୀ ଭାରତୀୟମାନଙ୍କର ସକାରାତ୍ମକ ଅବଦାନ ରହିଥିବାରୁ ଶ୍ରୀ ମୋଦୀ ସନ୍ତୋଷ ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି, ସେଠାରେ ଭାରତୀୟ ଦୂତାବାସର ଶୁଭାରମ୍ଭ ଦ୍ୱାରା ପ୍ରବାସୀ ଭାରତୀୟଙ୍କୁ ସ୍ଥାୟୀ ଠିକଣା ଦିଆଯାଇ ପାରିଛି । ଆସିଆନ୍ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ଉପରେ ଭାରତ ସର୍ବଦା ପ୍ରାଥମିକତା ଦେଇ ଆସୁଛି ଏବଂ ଏହା ଭବିଷ୍ୟତରେ ଜାରି ରହିବ ବୋଲି ଶ୍ରୀ ମୋଦୀ ମତବ୍ୟକ୍ତ କରିଛନ୍ତି । ସେ କହିଛନ୍ତି, ବିମାନ ଉଡ଼ାଣ କ୍ଷେତ୍ରରେ ପ୍ରଚଳିତ ଆନ୍ତର୍ଜାତିକ ନିୟମକୁ ଭାରତ ସମର୍ଥନ କରିବା ସହିତ ବିକାଶବାଦକୁ ପ୍ରାଥମିକତା ଦିଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ-ତ୍ରିପୁରା

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଉପସ୍ଥିତିରେ ଆଜି ନୂଆଦିଲ୍ଲୀଠାରେ କେନ୍ଦ୍ର ସରକାର, ତ୍ରିପୁରା ସରକାର, ତ୍ରିପୁରାର ନ୍ୟାସନାଲ୍ ଲିବରେସନ୍ ଫ୍ରଣ୍ଟ (ଏନ୍.ଏଲ୍.ଏଫ୍.ଟି.) ଏବଂ ଅଲ୍ ତ୍ରିପୁରା ଟାଇଗର ଫୋର୍ସ୍

(ଏ.ଟି.ଟି.ଏଫ୍.)ର ପ୍ରତିନିଧିଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ଅବସରରେ ଉଦ୍‌ବୋଧନ ଦେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି, ଏନ୍.ଏଲ୍.ଏଫ୍.ଟି. ଓ ଏ.ଟି.ଟି.ଏଫ୍. ଅସ୍ତ୍ର ତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ଏକ ଆନନ୍ଦର ବିଷୟ । ଏଥିସହିତ ତ୍ରିପୁରାର ବିକାଶ ଦିଗରେ ସେମାନେ କାର୍ଯ୍ୟ କରିବେ ବୋଲି ନିଜର ପ୍ରତିଶ୍ରୁତି ବଦ୍ଧତା ଦୋହରାଇଥିବା ଶ୍ରୀ ଶାହା କହିଛନ୍ତି । ସେ କହିଛନ୍ତି, ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଶାସନକୁ ଆସିବା ଦିନଠାରୁ କଥାବାର୍ତ୍ତା ଏବଂ ଶାନ୍ତି ମାଧ୍ୟମରେ ଏକ ସକ୍ଷମ ଏବଂ ବିକଶିତ ଉତ୍ତର ପୂର୍ବାଞ୍ଚଳ ପ୍ରତିଷ୍ଠା ଲକ୍ଷ୍ୟ ରଖି କାର୍ଯ୍ୟ କରୁଛନ୍ତି ।

ପୂର୍ବରୁ ଉତ୍ତର-ପୂର୍ବାଞ୍ଚଳ ଏବଂ ଦିଲ୍ଲୀ ମଧ୍ୟରେ ଏକ ଦୂରତ୍ୱ ରହିଥିଲା । ତେବେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ଦୂରତ୍ୱକୁ କେବଳ ସଡ଼କ, ରେଳ ଏବଂ ଆକାଶମାର୍ଗ ସଂଯୋଗୀକରଣ ଦ୍ୱାରା ଦୂର କରି ନାହାନ୍ତି ବରଂ ଲୋକଙ୍କ ହୃଦୟରୁ ଏହି ଦୂରତ୍ୱକୁ ସମ୍ପୂର୍ଣ୍ଣ ସମାପ୍ତ କରିଛନ୍ତି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି । ଏହି ଚୁକ୍ତିନାମା ସ୍ୱାକ୍ଷରିତ ହେବା ସମୟରେ ତ୍ରିପୁରାର ମୁଖ୍ୟମନ୍ତ୍ରୀ ମାନିକ ଶାହାଙ୍କ ସମେତ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ତ୍ରିପୁରାର ସରକାରଙ୍କ ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

କେନ୍ଦ୍ର ସରକାର ଉତ୍ତର ପୂର୍ବାଞ୍ଚଳରେ ଶାନ୍ତି ଓ ସମୃଦ୍ଧି ଆଣିବା ଲାଗି ୧୨ଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି । ସେଥିମଧ୍ୟରୁ ତ୍ରିପୁରା ପ୍ରସଙ୍ଗରେ ତିନୋଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଦେଶର ଉତ୍ତର ପୂର୍ବାଞ୍ଚଳକୁ ଉଗ୍ରବାଦ, ହିଂସା ଏବଂ ଦ୍ୱନ୍ଦ୍ୱରୁ ମୁକ୍ତ କରିବା ଲାଗି ବର୍ତ୍ତମାନର କେନ୍ଦ୍ର ସରକାର ଅନେକ ଗୁଡ଼ିଏ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି । ଏହାଦ୍ୱାରା ପ୍ରାୟ ୧୦ ହଜାର ଲୋକ ଅସ୍ତ୍ର ତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଚୁକ୍ତିନାମା

କେନ୍ଦ୍ର ସରକାର ନାଗାଲାଣ୍ଡର ନ୍ୟାସନାଲ୍ ସୋସିଆଲିଷ୍ଟ କାଉନ୍‌ସିଲ୍ 'ନିକି' ସହିତ ଅସ୍ତ୍ର ବିରତି ଚୁକ୍ତିନାମାକୁ ଆଉ ଏକ ବର୍ଷ ବୃଦ୍ଧି କରିଛନ୍ତି । ଆସନ୍ତା ୮ ତାରିଖ ଠାରୁ ଏହା କାର୍ଯ୍ୟକାରୀ ହେବ । ନାଗାଲାଣ୍ଡରେ ଶାନ୍ତି ପ୍ରତିଷ୍ଠା ଦିଗରେ ଏକ ପଦକ୍ଷେପ ସ୍ୱରୂପ ଉଭୟ କେନ୍ଦ୍ର ସରକାର ଏବଂ ନିକି ଏହି ନିଷ୍ପତ୍ତି ନେଇଛନ୍ତି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

## କର୍ମଚାରୀ ପେନସନ୍ ଯୋଜନା

କର୍ମଚାରୀ ପେନସନ୍ ଯୋଜନାର ହିତାଧିକାରୀମାନେ ଆସନ୍ତା ବର୍ଷ ଜାନୁଆରୀ ୧ ତାରିଖରୁ ଦେଶ ବ୍ୟାପି ଯେକୌଣସି ବ୍ୟାଙ୍କ୍‌ରୁ ନିଜର ପେନସନ୍ ଗ୍ରହଣ କରିପାରିବେ । ଏହାଦ୍ୱାରା ୭୮ ଲକ୍ଷରୁ ଊର୍ଦ୍ଧ୍ୱ ପେନସନ୍‌ଧାରୀ ଉପକୃତ ହୋଇପାରିବେ ବୋଲି କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ସୂଚନା ଦେଇଛନ୍ତି । ସେ କହିଛନ୍ତି, କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂସ୍ଥାକୁ ଆଧୁନିକୀକରଣ କରିବା ଦିଗରେ ଏକୀକୃତ ପେନସନ୍ ପ୍ରଦାନ ବ୍ୟବସ୍ଥା ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ଭାବେ ସାବ୍ୟସ୍ତ ହୋଇଛି ।

## ଇଣ୍ଡିଆ-ପାରା ବ୍ୟାଡ୍‌ମିଣ୍ଟନ

ଭାରତୀୟ ପାରା ବ୍ୟାଡ୍‌ମିଣ୍ଟନ୍ ଦଳ ପ୍ୟାରିସ୍ ପାରା ଅଲିମ୍ପିକ୍ସ ୨୦୨୪ରେ ଉତ୍ତମ ପ୍ରଦର୍ଶନ କରିବା ସହିତ ପଦକ ହାସଲ କରି ଆଜି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି । ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧି ଆନ୍ତର୍ଜାତିକ ବିମାନ ବନ୍ଦରରେ ଏହି ଖେଳାଳିମାନଙ୍କୁ ଉଚ୍ଛସିତ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । କୁମାର ନିତେଶ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଟି. ମୁରୁଗେସାନ୍ ଏବଂ ସୁଭାସ ୟାଥିରାଜ୍ ରୌପ୍ୟ ପଦକ ଜିତିଛନ୍ତି । ସେହିଭଳି ମନିଶା ରାମଦାସ ଏବଂ ନିଥ୍ୟା ଏସ୍. ସିବାନ୍ ବ୍ରୋଞ୍ଜ ପଦକ

ବିଜୟୀ ହୋଇଛନ୍ତି । ପରେ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଏହି ଖେଳାଳିମାନଙ୍କୁ ଭେଟିବା ସହିତ ସେମାନଙ୍କର ଉନ୍ନତ ପ୍ରଦର୍ଶନ ଲାଗି ପ୍ରଶଂସା କରିଛନ୍ତି । ଡକ୍ଟର ମାଣ୍ଡବ୍ୟ କହିଛନ୍ତି, ଟୋକିଓ ପାରା ଅଲିମ୍ପିକ୍ସ ଠାରୁ ପ୍ୟାରିସ୍ ପାରା ଅଲିମ୍ପିକ୍ସରେ ଭାରତର ପ୍ରଦର୍ଶନ ଉତ୍ତମ ହୋଇଛି । ଏହି ଅଲିମ୍ପିକ୍ସରେ ହେବାକୁ ଥିବା ଅନ୍ୟାନ୍ୟ ପ୍ରତିଯୋଗିତାରେ ମଧ୍ୟ ଆମ ଖେଳାଳିମାନେ ଅଧିକ ସଫଳତା ପାଇବେ ବୋଲି କ୍ରୀଡ଼ାମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି ।

## ରାଷ୍ଟ୍ରପତି-ପ୍ରଧାନମନ୍ତ୍ରୀ-ସଚିନ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ୟାରିସ୍ ପାରା ଅଲିମ୍ପିକ୍ସରେ ପୁରୁଷ ସଟ୍‌ପୁଟ୍ ବର୍ଗରେ ରୌପ୍ୟ ପଦକ ହାସଲ କରିଥିବା ସଚିନ ଖିଲାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ରାଷ୍ଟ୍ରପତି କହିଛନ୍ତି, ଅନେକ ବାଧାବିଘ୍ନ ଅତିକ୍ରମ କରି ସଚିନ ଏଭଳି ବିଶ୍ୱସ୍ତରୀୟ ସଫଳତା ହାସଲ କରିବାରେ ସକ୍ଷମ ହୋଇଛନ୍ତି । ଭବିଷ୍ୟତରେ ଏଭଳି ସଫଳତା ସେ ଜାରି ରଖିବେ ବୋଲି ଶ୍ରୀମତୀ ମୁର୍ମୁ ଆଶାବ୍ୟକ୍ତ କରିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ମଧ୍ୟ ସଚିନ୍‌ଙ୍କୁ ଅଭିନନ୍ଦନ ଜଣାଇ, ସାମାଜିକ ଗଣମାଧ୍ୟମର ପୋଷ୍ଟରେ କହିଛନ୍ତି, ଏହି ସଫଳତା ସଚିନ୍‌ଙ୍କର

ପ୍ରତିଶ୍ରୁତିବଦ୍ଧତା ଏବଂ ନିଜର ଶକ୍ତିକୁ ପ୍ରତିଫଳନ କରୁଛି । ସମଗ୍ର ଦେଶ ତାଙ୍କ ଲାଗି ଗର୍ବ ଅନୁଭବ କରୁଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

## ପ୍ରଧାନମନ୍ତ୍ରୀ-ପାରା ଅଲିମ୍ପିକ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ ପାରା ଅଲିମ୍ପିକ୍ସ ଖେଳାଳିଙ୍କର ପ୍ରଦର୍ଶନକୁ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ୟାରିସ୍ ପାରା ଅଲିମ୍ପିକ୍ସ ୨୦୨୪ରେ ଉତ୍ତମ ପ୍ରଦର୍ଶନ ଲାଗି ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ଏଥିଲାଗି ସମଗ୍ର ଦେଶ ଗର୍ବିତ ବୋଲି ମତବ୍ୟକ୍ତ କରିଛନ୍ତି । ସେ କହିଛନ୍ତି, କୌଣସି ପାରା ଅଲିମ୍ପିକ୍ସରେ ଏହା ହେଉଛି ଭାରତର ସର୍ବାଧିକ ହାସଲ କରିଥିବା ପଦକ । ଏହା ଆମର ପ୍ରତିଯୋଗିମାନଙ୍କର ଇଚ୍ଛାଶକ୍ତି, ଉତ୍ସର୍ଗୀକୃତ ମନୋଭାବ ଓ ପ୍ରତିଶ୍ରୁତିବଦ୍ଧତାକୁ ପ୍ରତିଫଳିତ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।